# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା 1314 /ସୂ.ଲୋ.ସଂ ତା- 29/05/2015

## ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

ଢେଙ୍କାନାଳ, ତା. 29/05/15 - ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଆଜି ପୂର୍ବାହ୍ନରେ ସଦର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଢେଙ୍କାନାଳ ବିଧାୟକ - ତଥା- ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ସରୋଜ କୁମାର ସାମଲ ସଭାପତିତ୍ୱ କରିଥିଲେ । ଢେଙ୍କାନାଳ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ଅଧିକାଂଶ ବିଭାଗ ଲକ୍ଷ୍ୟ ହାସଲ ପୂରଣ ନିମନ୍ତେ ସନ୍ତୋଷଜନକ ଭାବେ କାର୍ଯ୍ୟ କରୁଥିବାରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସେ ସାଧୁବାଦ ଜଣାଇଥିଲେ । ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଯେପରି ତୃଣମୂଳ ସ୍ତରରେ ପହଞ୍ଚିପାରିବ ଏବଂ ସେମାନେ ଏହାର ସୁଫଳ ପ୍ରତ୍ୟକ୍ଷ ଅନୁଭବ କରିପାରିବେ ସେଥିପ୍ରତି ଅଧିକ ଧ୍ୟାନ ଦେବାକୁ କହିଥିଲେ ଏବଂ ଯଦି କୌଣସି କ୍ଷେତ୍ରରେ କିଛି ସମସ୍ୟା ଦେଖାଦିଏ, ତେବେ ତାହାକୁ ପ୍ରତିନିଧିଙ୍କ ସହ ପରାମର୍ଶ କରିବାକୁ କହିଥିଲେ ।

ଏଥିରେ କୃଷି ସମ୍ବନ୍ଧୀୟ ଚର୍ଚ୍ଚା ହୋଇଛି । ଆବଶ୍ୟକ ମୁତାବକ ବିହନ ଓ ସାର କୃଷକମାନଙ୍କୁ ଯୋଗାଇ ଦିଆଯିବା ସହ ରୋଗପୋକ ଉପଦ୍ରବ ଅଧିକରୁ ତଥ୍ୟ ସଂଗ୍ରହ କରାଯାଇ ରୋଗପୋକ ଦମନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ କୃଷକ ଶିବିର ମେଳା ଆୟୋଜନ କରାଯାଇ କୃଷୀଭାଇମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି ଏବଂ ଜିଲ୍ଲାରେ କୃଷି ଉତ୍ପାଦନର ଅଭିବୃଦ୍ଧି ଘଟୁଛି ବୋଲି କୃଷି ଉପ-ନିର୍ଦ୍ଦେଶକ ପ୍ରକାଶ କରିଥିଲେ ।

ଜିଲ୍ଲାରେ ଲେମ୍ବୁ, ଲିଚୁ, କଦଳୀ, ଆମ୍ବ ଚାଷ ହେଉଥିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଆଳୁ ବିହନ ଯୋଗାଣ ପ୍ରସଙ୍ଗରେ ଉଦ୍ୟାନ ବିଭାଗ ତରଫରୁ ଆବେଦନ ହୋଇଛି ୮ଟା ଏଜେନ୍ସି ଠାରୁ ୨୧ ତାରିଖ ସୁଦ୍ଧା ଶେଷ କରାଯିବ ବୋଲି ଉଦ୍ୟାନ ଉପ-ନିର୍ଦ୍ଦେଶକ କହିଥିଲେ ।

ମୁଖ୍ୟ ଚିକିତ୍ସାଳୟ ପରିସର ଓ ଓ୍ୱାର୍ଡରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନ ଥିବା ହେତୁ, ତୁରନ୍ତ ଚିକିତ୍ସାଳୟ ପ୍ରବେଶ ଦ୍ୱାର ଠାରୁ ଆଲୋକୀକରଣର ବ୍ୟବସ୍ଥା କରିବାକୁ ପୌରପାଳିକା ଅଧ୍ୟକ୍ଷ ଶ୍ରୀ ସୁଧୀର କୁମାର ବେହେରା ଗୁରୁତ୍ୱାରୋପ କରିଥିଲେ ।

କ୍ରମଶଃ—>

ବୈଠକରେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚିକିତ୍ସାଳୟରେ ଲକ୍ଷ୍ୟ ୧୦ ଥର ଯାଞ୍ଚ କରାଯାଉଛି ଏବଂ ଡାକ୍ତରୀ ପରୀକ୍ଷା ମାଗଣାରେ କରାଯାଉଛି । ଶିଶୁମାନଙ୍କ ନିମନ୍ତେ ଆର.ବି.ଏସ୍.କେ., ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମ, ଗର୍ଭବତୀଙ୍କୁ ପରୀକ୍ଷଣ, ଚିକିତ୍ସାଳୟ ପରିସରରେ ଆଲୋକ ବ୍ୟବସ୍ଥା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆଲୋକପାତ କରିଥିଲେ ।

ଏହି ବୈଠକରେ ମୋବାଇଲ ଭେଟେରାନରୀ ୟୁନିଟ୍‌ର କାର୍ଯ୍ୟକାରିତା, କୁକୁଡ଼ାପାଳନ, ପଶୁପାଳନ, ପ୍ରତିଷେଧକ ବ୍ୟବସ୍ଥା, ମତ୍ସ୍ୟଚାଷ ନିମନ୍ତେ ନୂତନ ପୋଖରୀ ଖୋଳା ଯୋଜନା, ବୃକ୍ଷରୋପଣ କାର୍ଯ୍ୟକ୍ରମ, ବନୀକରଣ ଯୋଜନା, କ୍ଷୁଦ୍ର ଜଳ ସେଚନ, ପାନୀୟ ଜଳ ଯୋଗାଣ, ଶିକ୍ଷା ବ୍ୟବସ୍ଥା, ବିଦ୍ୟାଳୟର ଉନ୍ନତି ବିଧାନ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ବିଜୁ ସେତୁ ଯୋଜନା, ଆଶ୍ରମ ବିଦ୍ୟାଳୟର ସୌର ଚାଳିତ ଜଳ ଯୋଗାଣ, ଜଳ ସେଚନ, ଚେକ୍ ଡ୍ୟାମ୍ ନିର୍ମାଣ ଆଦି ବିଷୟ ଉପରେ ଅଧିକାରୀମାନେ ଅବଗତ କରାଇଥିଲେ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା ଦୃଷ୍ଟିରୁ ଏକ ପୋଲିସ ଆଉଟ୍ ପୋଷ୍ଟ ଏବଂ ଅଧିକ ପୋଲିସ କର୍ମଚାରୀ ଓ ଅଧିକାରୀ ନିଯୁକ୍ତି, ସି.ସି. ଟିଭି ବ୍ୟବସ୍ଥା କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଏଥି ସହିତ ମୁଖ୍ୟ ଚିକିତ୍ସାଳୟର ୧୭୦ ଶଯ୍ୟାକୁ ବୃଦ୍ଧି କରି ୩୦୦ ଶଯ୍ୟା ବିଶିଷ୍ଟ କରିବାକୁ ବୈଠକରେ ଆଲୋଚନା ହୋଇଥିଲା ।

କପିଳାସ ପୀଠର ପାଦଦେଶରୁ ସହର ପର୍ଯ୍ୟନ୍ତ ପାଇପ ଦ୍ୱାରା ଜଳଯୋଗାଣ ପାଇଁ ପି.ଏଚ୍.ଡି.କୁ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ କୁହାଯାଇଥିଲା । ଢେଙ୍କାନାଳ ପୌରାଞ୍ଚଳର ଆନନ୍ଦ ନଗର, ମୀନା ବଜାର, କାଠିଆ ବଜାର, ଗଣେଶ କୁଞ୍ଜ ଅଞ୍ଚଳର ପାନୀୟ ଜଳ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ସଦର ଉପ-ଜିଲ୍ଲାପାଳ ଶ୍ରୀ ବିଜୟକୁମାର ଶାମଲ, ଢେଙ୍କାନାଳ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଶ୍ରୀ ଉତ୍ତମ କର, ଯୋଜନା ଓ ସମନ୍ୱୟ ଉପ-ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସେଠୀ, ସଦର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ପଦ୍ମିନୀ ନାୟକ, ଗଣ୍ଡିଆ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳି ରାଉତ, ସଦର ବି.ଡି.ଓ. ଶ୍ରୀ ସରୋଜ କୁମାର ଦେଓ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

— ୦ —

ଏହାର ସଂକ୍ଷିପ୍ତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

ସ୍ୱା/- ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଢେଙ୍କାନାଳ